ତା.୧୧.୦୧.୨୦୧୪

## ଧର୍ମ ନେଇ ବିଭେଦତା କାହିଁକି ?

### ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା ।

ସମ୍ବିଧାନ ପ୍ରଣୟନକାରୀମାନେ ସମ୍ବିଧାନର ଚତୁର୍ଥ ବିଭାଗରେ ରାଜ୍ୟ ପାଇଁ ଏକ ନିର୍ଦ୍ଧିଷ୍ଟ ନୀତି ନିୟମମାନ ପ୍ରଣୟନ କରିଛନ୍ତି ଓ ୪୪ ତମ ଧାରାରେ ଦେଶର ପ୍ରତ୍ୟେକ ଅଞ୍ଚଳର ତଥା ପ୍ରତ୍ୟେକ ରାଜ୍ୟର ନାଗରିକଙ୍କ ପାଇଁ ସମାନ ନୀତି ନିୟମମାନ ପ୍ରଣୟନ କରିଛନ୍ତି । ଉକ୍ତ ନୀତି ନିୟମ ଗୁଡ଼ିକ କେବଳ ନାଗରିକଙ୍କ ମୌଳିକ ଅଧିକାର ପାଇବା କ୍ଷେତ୍ରରେ ଲାଗୁ କରାଯାଇପାରେ । ମାତ୍ର ତାହା ଧର୍ମକ୍ଷେତ୍ରରେ ଆଦୌ ଲାଗୁ କରାଯାଇ ନପାରେ । କିଛି ମୁଷ୍ଟିମେୟ ନ୍ୟସ୍ଥ ସ୍ୱାର୍ଥ ଗୋଷ୍ଠି ଏହା ଧର୍ମ କ୍ଷେତ୍ରରେ ଲାଗୁ କରାଯାଇପାରିବ କହି ଜନତାଙ୍କୁ ବାଟବଣା କରୁଛନ୍ତି । ସମ୍ବିଧାନର ନୀତି ନିୟମ ମଧ୍ୟରେ କୌଣସି ଦୋଷୀ ନେଇ କିଛି ସ୍ୱତନ୍ତ୍ର ନୀତି ନିୟମ ତଥା ସୁବିଧା ଯୋଗାଇବା କଥା ଉଲ୍ଲେଖ କରାଯାଇନାହିଁ । କାରଣ ଦୋଷ ସବୁବେଳେ ଦୋଷ । ଏହାକୁ କେବେହେଲେ ଧର୍ମ ନେଇ ଅଣଦେଖା କରାଯାଇନପାରେ ।

ବର୍ତ୍ତମାନ କେନ୍ଦ୍ର ଗୃହ ମନ୍ତ୍ରୀ ଶ୍ରୀ ସୁଶୀଲ କୁମାର ସିନ୍ଦେ ରାଜ୍ୟ ଗୁଡ଼ିକୁ ଜଣାଇଛନ୍ତି କି ସେମାନଙ୍କ ରାଜ୍ୟରେ ଥିବା ସଂଖ୍ୟାଲଘୁ ଦୋଷୀ ବା ଆତଙ୍କବାଦୀଙ୍କ କେଶକୁ ପୁନଃ ଅନୁସନ୍ଧାନ କରାଯିବ । ଏହା ଧର୍ମ ନେଇ ସଂଖ୍ୟାଲଘୁ ନା ଭାଷା ନେଇ ସଂଖ୍ୟାଲଘୁ ? ଯାହା ସର୍ବସାଧାରଣଙ୍କ ପାଖରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଅଛି । ଆତଙ୍କବାଦ ଅଭିଯୋଗରେ ଆଜି ଦେଶର ବିଭିନ୍ନ ଅଞ୍ଚଳରୁ ଅନେକ ଆତଙ୍କବାଦୀ କାରାଗାରରେ ଅଛନ୍ତି । ଯେପରି ମାଓବାଦୀ, ନକ୍ସଲ ଇତ୍ୟାଦି । ୨୦୦୪ ମସିହା ପୂର୍ବରୁ ମଧ୍ୟ ପୋଟାରେ ଅନେକ ପ୍ରକାରର କେଶ ପଡ଼ିରହିଛି । ବେଆଇନଗତ କାର୍ଯ୍ୟକଳାପ ନିରୋଧକ ନିୟମରେ ମଧ୍ୟ ଏପରି ବହୁ କେଶ ରହିଅଛି । ତେବେ ଠିକ ନିର୍ବାଚନର ପୂର୍ବରୁ ସଂଖ୍ୟା ଲଘୁଙ୍କ ପ୍ରତି କେହଳ ନୀତି ଭୋଟବ୍ୟାଙ୍କ ନୀତିର ସ୍ପଷ୍ଟ ପରିଚୟ ଦିଏ । ଯାହାକି ସମ୍ପୂର୍ଣ୍ଣ ଭାବରେ ଅଣବୈଧାନିକ ଓ ଅଣସମ୍ବିଧାନିକ । ସମ୍ବିଧାନର ୧୪ ଧାରା ଅନୁଯାୟୀ ପ୍ରତ୍ୟେକ ନାଗରିକ ସମାନ ସୁବିଧା ତଥା ଅଧିକାର ପାଇପାରିବେ । ଯଦି ଜନ୍ମ ବା ଧର୍ମ କଥା ଦେଖାଯାଏ ତେବେ ଜାମ୍ମୁ ଓ କାଶ୍ମୀର ବା ଉ-ପ୍ର ରାଜ୍ୟର ସଂଖ୍ୟାଲଘୁ ହିନ୍ଦୁ ମାନଙ୍କୁ କଅଣ ଉକ୍ତ ସୁବିଧା ପ୍ରାପ୍ତ ହେବ ? କୌଣସି ଗୋଟିଏ ଅଭିଯୋଗରେ ଯଦି ଉଭୟ ଧର୍ମର ଦୁଇଟି ଅଭିଯୁକ୍ତ ଥାଆନ୍ତି ତେବେ ଉଭୟଙ୍କ ପାଇଁ କଅଣ ନିୟମ ଭିନ୍ନ

ହେବ ? କ୍ରିମିନାଲ ପ୍ରୋସିଡ଼ିୟର କୋଡ଼ର ସେକ୍ସନ ୩୨୧ ଅନୁଯାୟୀ ବାଦୀ ପକ୍ଷର ଓକିଲ ବା ଜଜ କିଛି ଦଣ୍ଡାଦେଶକୁ ସ୍ଥଗିତ କରିପାରନ୍ତି । ମାତ୍ର ଯେଉଁ କେଶର ଚାର୍ଜ ସିଟ ପୂର୍ବରୁ ଦାଖଲ କରାଯାଇଛି ତାହାର ପୁନଃ ଅନୁସନ୍ଧାନର ମଧ୍ୟ କୌଣସି ବ୍ୟବସ୍ଥା ନାହିଁ । ତେଣୁ ଏହା ଏକ ପ୍ରକାରରେ ପ୍ରୋଭିଜନ ଅଫ କ୍ରିମିନାଲ ଲକୁ ଉଲଙ୍ଘନ କରୁଅଛି । ତାହା ସହ ଏହା ସମ୍ବିଧାନର ସମାନତା ଅଧିକାରକୁ ମଧ୍ୟ ଉଲଙ୍ଘନ କରେ ଓ ରାଜ୍ୟ ଏହାକୁ ମାନିବାକୁ ବାଧ୍ୟ ନୁହେଁ ।